# ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପତ୍ର ସଂଖ୍ୟା : ୨୪୮୮ ତାରିଖ : ୧୦.୦୮.୨୦୨୦

## ପ୍ରଥମ ଶୁଦ୍ଧିପତ୍ର

ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ର ଟେଣ୍ଡର ନୋଟିସ ପତ୍ର ସଂଖ୍ୟା – ୨୩୫୯ ତା. ୨୩.୦୭.୨୦୨୦ ରେ ହୋଇଥିବା ଦୋକାନ ଗୃହ ଗୁଡ଼ିକର ନିଲାମି ଟେଣ୍ଡର ପତ୍ରରେ ଥିବା ତ୍ରୁଟିକୁ ଶୁଦ୍ଧିକରଣ କରାଯାଇ ନିମ୍ନମତେ ସମସ୍ତ ଦୋକାନଗୃହ ଗୁଡ଼ିକର ବିବରଣୀ ସହ ନିୟମାବଳୀ /ସର୍ତ୍ତାବଳୀଗୁଡ଼ିକ ପ୍ରଦତ୍ତ କରାଯାଇଛି ।

ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ୍ୟ ଫର୍ମ ମୂଲ୍ୟ (ଅଣ ଫେରସ୍ତ) ପରିଷଦର କ୍ୟାସିୟରଙ୍କ ନିକଟରେ ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କରସ୍ ଚେକ୍ / ନଗଦ ଟଙ୍କା ଦେଇ ତା. ୨୧.୦୮.୨୦୨୦ ରିଖ ଅପରାହ୍ନ ଘ.୫.୩୦ମି. ସମୟ ମଧ୍ୟରେ କ୍ରୟ କରି ତା. ୨୭.୦୮.୨୦୨୦ ରିଖ ଅପରାହ୍ନ ଘ. ୫.୦୦ଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ / ସ୍ପିଡ୍ ପୋଷ୍ଟ ଦ୍ୱାରା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ । ତା. ୨୯.୦୮.୨୦୨୦ ରିଖ ଅପରାହ୍ନ ଘ.୩.୩୦ ମି. ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ କାଗଜଗୁଡ଼ିକୁ ଖୋଲାଯିବ । ଯେଉଁମାନେ ଟେଣ୍ଡରକୁ ଠିକ୍ ଭାବରେ ଦର୍ଶାଯାଇଥିବା ସର୍ତ୍ତାବଳୀ ଅନୁସାରେ ଦାଖଲ କରିନଥିବେ ତାଙ୍କର ଟେଣ୍ଡରଟି ନାକଚ କରାଯିବ । ଲଫାପା ଉପରେ ଦୋକାନ ଗୃହର ନାମ ସହ କ୍ର.ନଂ. ଉଲ୍ଲେଖ କରିବେ । ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ତା. ୨୧.୦୮.୨୦୨୦ରିଖ କାର୍ଯ୍ୟ ଦିବସ ଗୁଡ଼ିକରେ ପରିଷଦ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ – www.nuapada.nic.in ରୁ ଦେଖି ପାରିବେ । **କୁରିୟର ଦ୍ୱାରା କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ ।**

କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନଦର୍ଶାଇ ଟେଣ୍ଡରକୁ ରଦ୍ଦ/ନାକଚ କରିପାରିବେ ।

| କ୍ର. ନଂ. | ଗୃହର ବିବରଣୀ | ଦୋକାନ ସଂଖ୍ୟା | ଦରଖାସ୍ତ ଫର୍ମର ମୂଲ୍ୟ | ଧାର୍ଯ୍ୟ ମୂଲ୍ୟ ରାଶି | ମାସିକ ଲାଇସେନ୍ସ |
|---|---|---|---|---|---|
| ୧ | ୱାର୍ଡ ନଂ.୨ (ଗୃହ ନଂ. ୧ ଓ ୨) (ଅନୁସୂଚିତ ଜାତି ମାନଙ୍କ ପାଇଁ ଉଦ୍ଦିଷ୍ଟ) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୦୨ | ୨୦୦/- | ଟ. ୨୦,୦୦୦/- | ଟ. ୫୦୦/- |
| ୨ | ୱାର୍ଡ ନଂ.୧୪ (ଗୃହ ନଂ. ୧ ଓ ୨) (ଅନୁସୂଚିତ ଜାତି ମାନଙ୍କ ପାଇଁ ଉଦ୍ଦିଷ୍ଟ) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୦୨ | ୨୦୦/- | ଟ. ୨୦,୦୦୦/- | ଟ. ୫୦୦/- |
| ୩ | ୱାର୍ଡ ନଂ.୧୫ (ଗୃହ ନଂ.୮,୯,୧୦,୧୧,୧୨,୧୩,୧୪,୧୬,୧୭,୧୮, ୧୯ ଓ ୨୦) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୧୨ | ୫୦୦/- | ଟ. ୩୦,୦୦୦/- | ଟ. ୫୦୦/- |
| ୪ | ୱାର୍ଡ ନଂ.୧୫ (ନୂତନ ଗୃହ ନଂ. ୨, ୩ ଓ ୪) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୦୩ | ୫୦୦/- | ଟ.୧,୨୦,୦୦୦/- | ଟ. ୭୫୦/- |
| ୫ | ୱାର୍ଡ ନଂ. ୪ ଡି.ଆଇ.ସି. ଅଫିସ ପାଖର ଉପର ମହଲା – ୧, ୨, ୩, ୪, ୫, ୬ ଓ ୭ ଦୋକାନ ଗୃହର ମାପ- ୧୦' x ୧୦.୯' ଏକ ଗୋଟିକୁ (ଶିଢ଼ି ନିର୍ମାଣ ପରେ ଦୋକାନ ଗୃହ ଗୁଡ଼ିକୁ ହସ୍ତାନ୍ତର କରାଯିବ) | ୦୭ | ୫୦୦/- | ଟ.୧,୮୦,୦୦୦/- | ଟ. ୭୫୦/- |
| ୬ | ୱାର୍ଡ ନଂ. ୪ (ସାପ୍ତାହିକ ବଜାର ଉପର ମହଲା) ଦୋକାନ ଗୃହର ମାପ- ୩୯' x ୧୯' ଏକ ଗୋଟିକୁ | ୦୨ | ୫୦୦/- | ଟ.୨,୦୦,୦୦୦/- | ଟ. ୩୦୦୦/- |
| ୭ | ୱାର୍ଡ ନଂ. ୪ (ସାପ୍ତାହିକ ବଜାର ତଳ ମହଲା) ଦୋକାନ ଗୃହର ମାପ- ୧୪' x ୧୨' ଏକ ଗୋଟିକୁ (ଗୃହ ନଂ. ୩) | ୦୧ | ୫୦୦/- | ଟ.୮୦,୦୦୦/- | ଟ. ୫୦୦/- |
| ୮ | ୱାର୍ଡ ନଂ. ୧୫ (ମୋଙ୍ଗରାପାଲି (ନୂତନ) ଭାୟାରାମ ସାହୁ ଘର ସାମନା) ଦୋକାନ ଗୃହର ମାପ- ୧୨' x ୧୦' ଏକ ଗୋଟିକୁ | ୦୮ | ୫୦୦/- | ଟ.୧,୭୫,୧୨୫/- | ଟ. ୭୫୦/- |
| ୯ | ୱାର୍ଡ ନଂ. ୩, ଆଦିବାସୀ ପଡ଼ା, (ଦୀପକ ଝାଲା ଘର ସାମନା) (ନୂତନ ଗୃହ ନଂ. ୧ ଓ ୨ – ସାଧାରଣ ଜାତି ଓ ୩, ୪ ଓ ୫ – ଅନୁସୂଚିତ ଜନଜାତି) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୦୫ | ୫୦୦/- | ଟ.୧,୯୨,୦୦୦/- | ଟ. ୭୫୦/- |

Scanned with CamScanner

ପରିପତ୍ର ସଂ. ୨୪୮୯ / ତାରିଖ : ୧୦.୦୮.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡ଼ା / ଉପ-ଜିଲ୍ଲାପାଳ, ନୂଆପଡ଼ା / ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ. ନୂଆପଡ଼ା / ତହସିଲଦାର, ନୂଆପଡ଼ା / ଜିଲ୍ଲା ଶିକ୍ଷ ଅଧିକାରୀ, ଖରିଆର ରୋଡ଼ / ସହକାରୀ ଯନ୍ତ୍ରୀ, ଜନ ସ୍ୱାସ୍ଥ୍ୟ ବିଭାଗ, ଖରିଆର ରୋଡ଼ / ଏସ୍.ଡି.ଓ., WESCO, ଖରିଆର ରୋଡ଼ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ତାଙ୍କର ବିଜ୍ଞାପନ ଫଳକରେ ଝୁଲାଇବା ପାଇଁ ଅନୁରୋଧ କରାଗଲା ତଥା ଟେଣ୍ଡର କମିଟି ଙ୍କ ଅବଗତି ଓ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇନଫରମେଟିକ୍ସ ଅଫିସର, ନୂଆପଡ଼ା ଙ୍କ ନିକଟକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଏହାକୁ ଜିଲ୍ଲା ପୋର୍ଟାଲ (www.nuapada.nic.in) ରେ ଦର୍ଶାଇବେ ।

ଏହାର ଏକକିତା ନକଲ କାର୍ଯ୍ୟାଳୟର ନୋଟିସ ବୋର୍ଡ ତଥା ସମସ୍ତ ୱାର୍ଡ ଅଫିସରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା ।

10.8.2020

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୨୪୯୦ / ତାରିଖ : ୧୦.୦୮.୨୦୨୦

ଏହାର ଏକକିତା ନକଲ ବିଜ୍ଞାପନ ମ୍ୟାନେଜର, ଓଡ଼ିଶା ଭାସ୍କର / ପ୍ରମେୟ ଙ୍କ ନିକଟକୁ ପ୍ରେରଣ କରାଯାଇ ଏକ ଦିନ ନିମନ୍ତେ (୮ସେ.ମି. X ୮ସେ.ମି.) ସ୍ଥାନ ବ୍ୟବହାର କରି [Rule 9 (C) Appendix – IX OPWD Code Volume – II] ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

10.8.2020

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

Scanned with CamScanner

# ସର୍ତ୍ତାବଳୀ

୧) ଆବଣ୍ଟନ ଗ୍ରାହୀ ସମ୍ପୃକ୍ତ ଦୋକାନ ଗୃହର ବିଦ୍ୟୁତ ସଂଯୋଗ ଖର୍ଚ୍ଚ ଓ ମାସିକ ଦେୟ ନିଜସ୍ୱ ରୂପେ ବହନ କରିବେ ।

୨) ଇଚ୍ଛୁକ ଆବେଦନକାରୀ ତାଙ୍କର ନିଜସ୍ୱ ଡାକମୂଲ୍ୟ (ଧାର୍ଯ୍ୟ ହୋଇଥିବା ରାଶି ଠାରୁ ଅଧିକ) ବିହିତ ଫର୍ମରେ ଉଲ୍ଲେଖ କରି ବନ୍ଦ ଲଫାପା ମଧ୍ୟରେ ରେଜିଷ୍ଟର ପୋଷ୍ଟ / ସ୍ପିଡ ପୋଷ୍ଟ ରେ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ, ଜିଲ୍ଲା-ନୂଆପଡ଼ା, ୭୬୬୧୦୪ ନାମରେ ତା. ୨୭.୦୮.୨୦୨୦ ଅପରାହ୍ନ ଘ. ୫.୦୦ ପୂର୍ବରୁ ପହଞ୍ଚିବା ଅନିର୍ବାର୍ଯ୍ୟ ।

୩) ଡାକ ମୂଲ୍ୟର ୫୦% ଆବେଦନ, ଦରଖାସ୍ତ ସହ ଖରିଆର ରୋଡ଼ର କୌଣସି ଜାତୀୟକରଣ ବ୍ୟାଙ୍କର ବ୍ୟାଙ୍କର୍ସ ଚେକ / ଡ୍ରାଫ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ (Executive Officer, NAC, Khariar Road ) ଙ୍କ ନାମରେ ଉଠାଣ ହୋଇଥିବ । ଉକ୍ତ ପ୍ରାଥମିକ ଜମା ରାଶିର ବ୍ୟାଙ୍କର୍ସ ଚେକ/ଡ୍ରାଫ୍ଟ ସଂଲଗ୍ନ ହୋଇନଥିବା ଡାକ ମୂଲ୍ୟ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।

୪) ସମସ୍ତ ଡାକ ମୂଲ୍ୟ ଆବେଦନ ବନ୍ଦ ଲଫାପା ଗୁଡିକ ତା. ୨୯.୦୮.୨୦୨୦ ଅପରାହ୍ନ ଘ. ୩.୩୦ମି. ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଆବେଦନକାରୀ / ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯାଇ ସର୍ବାଧିକ ଡାକମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସମ୍ପୃକ୍ତ ଦୋକାନ ଗୃହକୁ ଆବଣ୍ଟନ କରାଯିବ । ସମ୍ପୃକ୍ତ ଆବେଦନକାରୀଙ୍କୁ ବଳକା ଡାକ ମୂଲ୍ୟ ଆବେଦନ ଜମା ବାବଦ ସମ୍ପୂର୍ଣ୍ଣ ରାଶି ଏକକାଳୀନ ୪୮ ଘଣ୍ଟା ସମୟ ମଧ୍ୟରେ ପଇଠ କରିବାକୁ ହେବ । ଅନ୍ୟଥା ଦ୍ୱିତୀୟ ସର୍ବାଧିକ ଡାକ ମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ଆବଣ୍ଟନ ସିଦ୍ଧ କରାଯିବ ଏବଂ ମୂଳ/ ପ୍ରଥମ ସର୍ବାଧିକକାରୀଙ୍କ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ।

୫) ଅସଫଳ ଡାକ ମୂଲ୍ୟ ଆବେଦନକାରୀ ଆବେଦନ ରାଶିକୁ ଆବଣ୍ଟନ ପ୍ରକ୍ରିୟା ଚୁଡାନ୍ତ ପରେ ଫେରସ୍ତ କରାଯିବ ।

୬) ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟରେ ତା. ୨୧.୦୮.୨୦୨୦ ରିଖ କାର୍ଯ୍ୟ ଦିବସ ଗୁଡିକରେ ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡା ୱେବସାଇଟ www.nuapada.nic.in ରୁ ଦେଖିପାରିବେ ।

୭) ମାସିକ ଲାଇସେନ୍ସ ଫିଜ କେବଳ ମାର୍କେଟ ଦର ଜାଣିବା ପାଇଁ ଉଦ୍ଦିଷ୍ଟ ଅଟେ । ଆବଣ୍ଟନ ପ୍ରକ୍ରିୟାରେ ଏହାକୁ ବିଚାରକୁ ନିଆଯିବ ନାହିଁ। ମାସିକ ଲାଇସେନ୍ସ ଫିସ ବିଭିନ୍ନ ସମୟରେ ମାର୍କେଟ ଦରକୁ ନେଇ ଖରିଆର ରୋଡ, ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିରୀକୃତ କରିବେ।

୮) ଯେଉଁ ମାନଙ୍କ ନାମରେ ପୂର୍ବରୁ ଦୋକାନ ଗୃହ ଆବଣ୍ଟିତ ହୋଇଥିବ,ସେମାନଙ୍କର ଦରଖାସ୍ତକୁ ନାକଚ କରାଯିବ ।

୯) ଯଦି ଭବିଷ୍ୟତରେ ଦରଖାସ୍ତକାରୀଙ୍କ ସମ୍ବନ୍ଧରେ କୌଣସି ଭୁଲ ତଥ୍ୟ ପ୍ରମାଣିତ ହୁଏ ,ତେବେ ତାଙ୍କ ନାମେ ଆବଣ୍ଟିତ ଦୋକାନ ଗୃହଟିକୁ ରଦ୍ଦ କରାଯିବ ।

୧୦) ଉକ୍ତ ଆବଣ୍ଟନ ପ୍ରକ୍ରିୟାରେ ଖରିଆର ରୋଡ, ବିଜ୍ଞାପିତ ଅଞ୍ଚଳ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୁଡାନ୍ତ ଅଟେ । ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ ।

ଉପରୋକ୍ତ ସର୍ତ୍ତାବଳୀ ଗୁଡ଼ିକୁ ଗ୍ରହଣ କଲି ।

ଦରଖାସ୍ତକାରୀଙ୍କ ପୂର୍ଣ୍ଣ ସ୍ୱାକ୍ଷର

ତାରିଖ -

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ବି.ଦ୍ର. ୧) ନିଶ୍ଚିତ ଭାବରେ ଲଫାପା ଉପରେ ଦୋକାନ ଗୃହର ନାମ ଉଲ୍ଲେଖ କରିବେ ।
୨) ପରିଷଦ କାର୍ଯ୍ୟାଳୟରୁ ପ୍ରାପ୍ତ N.O.C. ସଂଲଗ୍ନ କରିବେ ।

Scanned with CamScanner